## ଗଣ୍ଡରେ ପଡ଼ି ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

ସୋରଡ଼ା,(ଲମ୍ବୋଦର ପାଣିଗ୍ରାହୀ): ସୋରଡ଼ା ବ୍ଲକ ଭଗବାନପୁର ଗ୍ରାମ ନିକଟ ହୁଲୁହୁଲା ଜଳ ଗଣ୍ଡସ୍ଥଳକୁ ବଣଭୋଜି ପାଇଁ ଆସିଥିବା ବ୍ରହ୍ମପୁର ବିଜିପୁର ଅଞ୍ଚଳର ଡାକ୍ତରୀ ଛାତ୍ର ରାକେଶ କୁମାର ପାଢ଼ୀଙ୍କ ଅକାଳ ମୃତ୍ୟୁ ହୋଇଛି। ରାକେଶ ଓ ଅନ୍ୟ ୩ ଜଣ ସାଙ୍ଗ ରବିବାର ଭୋଜି କରିବାକୁ ଯାଇଥିଲେ। ଅପରାହ୍ନରେ ଗଣ୍ଡରେ ଗାଧୋଉଥିଲା ବେଳେ ରାକେଶଙ୍କ ଗୋଡ ଖସି ଯିବାରୁ ସେ ଗଣ୍ଡରେ ପଡ଼ିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜି ବାହାର କରିଥିଲେ। ଥାନାଧିକାରୀ ଅନିଲ କୁମାର ପରିଡା ପହଞ୍ଚି ରାକେଶଙ୍କୁ ସୋରଡ଼ା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ହୃଦ୍‌ଘାତରେ ଆର୍ମି ଅଫିସରଙ୍କ ମୃତ୍ୟୁ

ପାତ୍ରପୁର,୨୨।୧୦(ଉମାଚରଣ ନେପାକ)



ପାତ୍ରପୁର ବ୍ଲକ ଜରଡା ପଞ୍ଚାୟତ ଅଭୟପୁର ଗ୍ରାମର ସଚ୍ଚିଦାନନ୍ଦ ପ୍ରଧାନ(୪୫) ରାଜସ୍ଥାନସ୍ଥିତ ଆର୍ମି କ୍ୟାମ୍ପରେ ଜୁନିଅର କମିଶନର ଭାବେ କାର୍ଯ୍ୟରତ ଥିଲେ। ଶନିବାର ହୃଦଘାତରେ ସେ ପ୍ରାଣ ହରାଇଛନ୍ତି। ସେ ୧୯୯୫ରେ ସୈନିକ ଭାବେ ସେନାବାହିନୀରେ ଯୋଗଦେଇଥିବା ବେଳେ ଜଣେ ନିଷ୍ଠାପର, ସଚ୍ଚୋଟ ଆର୍ମି ଅଫିସର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୋମବାର ଗାର୍ଡ ଅଫ ଅନର ଦିଆଯିବ। ଏ ନେଇ ତହସିଲଦାର ଅମିତ କୁମାର ନାୟକ ଓ ଜରଡା ଥାନା ଅଧିକାରୀ ଟୁନା ସାସମଲ ଅଭୟପୁର ଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି।

## ମଦ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୨।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ରବିବାର କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମର ଆର. ଭୂଷଣ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମାମଲା ନଂ.୪୦୭/୨୩ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଗାଁରେ ବେଆଇନ ଭାବେ ରନ୍ଧା ଦେଶୀ ମଦ ଚୋରାରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଶନିବାର ସନ୍ଧ୍ୟାରେ ଏସ.ଆଇ ମାଧବ ଚନ୍ଦ୍ର ଟାକ୍ରୀ ସଦଳବଳେ ଚଢ଼ାଉ କରି ଅଭିଯୁକ୍ତଙ୍କ ନିକଟରୁ ୨୦ ଲିଟର ରନ୍ଧା ଦେଶୀ ମଦ, ୧୮ ହଜାର ଟଙ୍କା, ବାଇକ ଏବଂ ୨ଟି ମୋବାଇଲ ଫୋନ ଜବତ କରିଥିଲେ।

## ଆର.ଏସ.ଏସ. ପକ୍ଷରୁ ବିଜୟା ଦଶମୀ

ଆସିକା,୨୨।୧୦ (ସୁରେନ୍ଦ୍ର ନାଥ ସାହୁ)

ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ଆସିକା ନଗର ଶାଖା ପକ୍ଷରୁ ରବିବାର ବିଜୟା ଦଶମୀ ଉତ୍ସବ ପାଳିତ ହୋଇଥିଲା । ଏତଦ ଅବସରରେ ସ୍ୱୟଂ ସେବକଙ୍କ ଗଣ ପୋଷାକ ପରିହିତ ଏକ ଶୋଭାଯାତ୍ରା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରୁ ବାହାରି ନଗର ପରିକ୍ରମା ପରେ ଟାଉନ ହଲଠାରେ ଏକ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ କୁମାର ମାଝି ଓ ମୁଖ୍ୟବକ୍ତା ରୂପେ ଜିଲା ସହ ସଂଘଚାଳକ ବିଶ୍ୱନାଥ ସେଠୀ ଯୋଗ ଦେଇ ବିଜୟା ଦଶମୀ ଉତ୍ସବ ପାଳନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ନଗର କାର୍ଯ୍ୟବାହ ଶ୍ରୀନିବାସ ପାତ୍ର, ବ୍ୟବସ୍ଥା ପ୍ରମୁଖ ନାଗେଶ୍ୱର ପାତ୍ର, ଜିଲା କାର୍ଯ୍ୟବାହ ବିଚିତ୍ରାନନ୍ଦ ପୋଲାଇ, ଖଣ୍ଡ କାର୍ଯ୍ୟବାହ ଦିଲିପ କୁମାର ସ୍ୱାଇଁ, ବ୍ରଜବନ୍ଧୁ ଆଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆସିକା ନଗର ସହ କଲେଜ ଛକ, ବରଗାଁ, ବାବନପୁର, ଖାରିଆ, ଘଟକୁରୀ, ହୁମୁକି, ଜୟପୁର, ପଢାଳ, କୁମ୍ଭାରୀ, ଗହଙ୍ଗୁ ଆଦି ଶାଖାର ସ୍ୱୟଂ ସେବକ ସାମିଲ ଥିଲେ।

# ବିଦ୍ୟୁତ୍ ଆଘାତରେ ଦାଦନ ଶ୍ରମିକ ମୃତ

ଭଞ୍ଜନଗର,୨୨।୧୦(ବାବୁଲା ପ୍ରଧାନ)

- ଶବକୁ ଅଧା ବାଟରେ ଛାଡ଼ି ଚାଲିଗଲା ଆମ୍ବୁଲାନ୍ସ
- ଆସନ୍ତା ମାସରେ ନିର୍ବନ୍ଧ ହୋଇଥାନ୍ତା



ସିଦ୍ଧାନ୍ତ ନାୟକ

ଗଞ୍ଜାମ ଜିଲାର ଅଧିକାଂଶ ଲୋକେ ଦାଦନ ଶ୍ରମିକ ଭାବେ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ଗୁଜରାଟ ପ୍ରମୁଖ ରାଜ୍ୟକୁ ଯାଇ କାମ କରୁଛନ୍ତି। ତେବେ ଏକାଧିକ ଦାଦନ ଶ୍ରମିକ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହି ପରିପ୍ରେକ୍ଷୀରେ ଭଞ୍ଜନଗର ବ୍ଲକ ମଳାସପଦର ନିକଟସ୍ଥ ବୁଦୁଲି ଗ୍ରାମର ସିଦ୍ଧାନ୍ତ ନାୟକ(୨୫) ୨ମାସ ପୂର୍ବେ ତାମିଲନାଡୁ କାମ କରିବାକୁ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ଠିକାଦାର ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ପଠାଇଥିଲେ। କିନ୍ତୁ ଆମ୍ବୁଲାନ୍ସ ଶନିବାର ବିଳମ୍ବିତ ରାତିରେ ଆସିକା ପର୍ଯ୍ୟନ୍ତ ଆସିବା ପରେ ସେଠାରେ ଚାଳକ ଗୁଗୁଲ୍ ମ୍ୟାପ ଜରିଆରେ ବୁଦୁଲି ଗ୍ରାମ ସର୍ଚ୍ଚ କରିଥିଲେ। ଏଥିରେ ବୁଦୁଲି ଗ୍ରାମ ଜଙ୍ଗଲ ମଧ୍ୟରେ ଦେଖିବାକୁ ପାଇଥିଲେ। ତେଣୁ ସେଠାରୁ ଚାଳକ ପୁଣି ବ୍ରହ୍ମପୁର ଫେରିଯାଇଥିଲେ । ବୁଦୁଲି ଗ୍ରାମଟି ଜଙ୍ଗଲ ମଧ୍ୟରେ ଥିବାରୁ ଶବକୁ ସେଠାକୁ ନେବାକୁ ଆମ୍ବୁଲାନ୍ସ ଚାଳକ ମନା କରିଥିଲେ। ଫଳରେ ପରିବାର ଲୋକେ ଏବଂ ଆମ୍ବୁଲାନ୍ସରେ ଆସୁଥିବା ସାଙ୍ଗମାନେ ବ୍ରହ୍ମପୁରରୁ ଆଉ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରି ଗ୍ରାମକୁ ରବିବାର ସକାଳେ ମୃତଦେହ ଆଣିଥିଲେ। ସକାଳେ ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଅନ୍ତିମ ସତ୍କାର ହୋଇଥିଲା। ସୂଚନାଯୋଗ୍ୟ, ଆସନ୍ତା କାର୍ତ୍ତିକ ମାସରେ ସିଦ୍ଧାନ୍ତଙ୍କ ନିର୍ବନ୍ଧ ହୋଇଥାନ୍ତା। ଏହିଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁକୁ ପରିବାରବର୍ଗ ଓ ସମ୍ପର୍କୀୟ ଗ୍ରହଣ କରିପାରୁନାହାନ୍ତି। ମୃତ୍ୟୁର କିଛି ସମୟ ପୂର୍ବରୁ ସିଦ୍ଧାନ୍ତ କାର୍ତ୍ତିକ ମାସରେ ଗ୍ରାମକୁ ଫେରିବେ ବୋଲି ମା' ପ୍ରେମସିୟାଙ୍କୁ ଫୋନ କରି କହିଥିଲେ। କିନ୍ତୁ ଫୋନର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିବାକୁ ନେଇ ମା' ପୂରା ଭାଙ୍ଗିପଡ଼ିଛନ୍ତି।

# ଡ୍ରିମ୍ସ ଡ୍ୟାନ୍ସ ଏକାଡେମୀର ଦାଣ୍ଡିଆ ନୃତ୍ୟ



ଡ୍ରିମ୍ସ ଏକାଡେମୀ ସଦସ୍ୟଙ୍କ ସହ ନୃତ୍ୟ କରୁଥିବା କୁନିକୁନି ପିଲା।

ଛତ୍ରପୁର, ୨୨।୧୦(ଦିଲୀପ ସାମଲ )

ଡ୍ରିମ୍ସ ଡ୍ୟାନ୍ସ ଏକାଡେମୀର ଯୁବ ନୃତ୍ୟ ନିର୍ଦ୍ଦେଶକ ପୂର୍ଣ୍ଣଜୟ ଜେନାଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ସହରରେ ମୁକ୍ତ ମଞ୍ଚରେ ନବରାତ୍ରୀ ଉପଲକ୍ଷେ ଦାଣ୍ଡିଆ ନୃତ୍ୟ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ଗିଡିଙ୍ଗ ରୁମ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କାଳିଆ ବେହେରା, ଦୀପକ ଦାସ ଓ ତୁଷାର ଶତପଥି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୀମା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ୍ରିମ୍ସ ଡ୍ୟାନ୍ସ ଏକାଡେମୀର ପ୍ରତିଷ୍ଠାତା ସୋମନାଥ ଜେନାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଭାରୋତ୍ତୋଳନକାରୀଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟିକା

କବିସୂର୍ଯ୍ୟନଗର, ୨୨।୧୦(କୃପାସିନ୍ଧୁ ସ୍ୱାଇଁ)



ଅତିଥିମାନଙ୍କ ଗହଣରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିଅମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତଳନ କେନ୍ଦ୍ର ଠାରେ ରାଜ୍ୟସ୍ତରୀୟ ଭାରୋତ୍ତଳନ ପ୍ରତିଯୋଗିତାରେ ୧୮୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କବିସୂର୍ଯ୍ୟନଗରସ୍ଥିତ ମହାମାୟୀ ବ୍ୟାୟାମ କେନ୍ଦ୍ରର ଦୀପକ କୁମାର ପ୍ରଧାନ ଉଭୟ ଜୁନିଅର ଓ ସିନିଅର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରି କରିଛନ୍ତି। ସେହିପରି ରାଜେଶ ନାୟକ ରୌପ୍ୟ ପଦକ ଜିତି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରବିବାର ସ୍ଥାନୀୟ ମହାମାୟୀ ବ୍ୟାୟାମ କେନ୍ଦ୍ରଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିଧାୟିକା ଲତିକା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠି, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ରସଲ ଦାସ, ସୁରଜ ରେଡ୍ଡି ଉପସ୍ଥିତ ଥିଲେ। ବିଧାୟିକା ପ୍ରତିଯୋଗୀ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ସ୍କୁଲସ୍ତରରେ ଏହାର ବିକାଶ ପାଇଁ ପ୍ରଚେଷ୍ଟା କରିବେ ବୋଲି କହିଥିଲେ। ଗଞ୍ଜାମ ଜିଲା ଭାରୋତ୍ତଳନ ମହାସଂଘ ସଭାପତି ତଥା ରାଜ୍ୟ ଭାରୋତ୍ତଳନକାରୀ ସଂଘ ଉପସଭାପତି କୁମୁଦ ଚନ୍ଦ୍ର ସାହୁ ସ୍ୱର୍ଣ୍ଣପଦକ ବିଜେତା ଦୀପକଙ୍କୁ ୩୦ହଜାର ଓ ରୌପ୍ୟ ବିଜେତା ରାଜେଶଙ୍କୁ ୧୦ହଜାର ପ୍ରଦାନ କରିଥିଲେ। ଦୁଇ ତାଲିମଦାତା ବଖାରି ମହମ୍ମଦ ଓ ସଂଯୁକ୍ତା ସାହୁଙ୍କୁ ବିଧାୟିକା ସମ୍ବର୍ଦ୍ଧିତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଛନ୍ତି ଶିକ୍ଷୟିତ୍ରୀ

ମୋହନା,୨୨।୧୦(ମନ୍ମଥ ମିଶ୍ର)

ଦୀର୍ଘ ବର୍ଷ ହେବ ଚାକିରି କରୁଥିବା ଶିକ୍ଷୟିତ୍ରୀଙ୍କ ଜାତିଗତ ପ୍ରମାଣ ପତ୍ରକୁ ନେଇ ଉଠିଲା ପ୍ରଶ୍ନ। ମୋହନା ବ୍ଲକ ଅଡବା ଗ୍ରାମର କୁମାରୀ ସରିତା ଦୀର୍ଘ ବର୍ଷ ହେଲା ଶିକ୍ଷୟିତ୍ରୀ ଭାବରେ ଚାକିରି କରି ବେତନ ପାଉଛନ୍ତି। ମୋହନା ଗ୍ରାମରେ ଜଣେ ଯୁବକଙ୍କ ସହ ତାଙ୍କର ବାହାଘର ଠିକ ହୋଇଥିଲା। ହେଲେ ସରିତା ଜାଲ ଜାତିଗତ ପ୍ରମାଣ ପତ୍ର ଦେଇ ଚାକିରି କରିଥିବା ଏବଂ ଯେକୌଣସି ମୁହୂର୍ତ୍ତରେ ତାଙ୍କର ଚାକିରି ଯିବା ଜାଣି ବାହାଘର ଭାଙ୍ଗିଯାଇଥିଲା। ଫଳରେ ସରିତା ରାଗିଯାଇ ବିବାହ କରିବାକୁ ଥିବା ପୁଅ ଏବଂ ତାଙ୍କ ପରିବାର ନାମରେ ଜାତିଆଣ ମାମଲା ରୁଜୁ କରିଥିଲେ। ହେଲେ ଅଡବା ପୋଲିସ ତଦନ୍ତ କରି ସରିତା ନିଜ ଜାତିକୁ ଲୁଚାଇ ଜାତିଆଣ ମାମଲା କରିଥିବା ଜାଣିବାକୁ ପାଇ ଉକ୍ତ କେସ ରଦ୍ଦ କରଥିଲା। ତାପରେ ପୁଅର ବାପା ବିକ୍ରମାଦିତ୍ୟ ସାମଲ ସରିତାଙ୍କ ଜାତିପ୍ରମାଣ ପତ୍ର ଜାଣିବା ପାଇଁ ମୋହନା ତହସିଲ କାର୍ଯ୍ୟାଳୟରେ ଆରଟିଆଇ ଜରିଆରେ ତଥ୍ୟ ମାଗିଥିଲେ। ଜଣାପଡିଲା ଯେ କୁମାରୀ ସରିତା ଜାଲ ଜାତି ପ୍ରମାଣ ପତ୍ର ଦେଇ ଚାକିରି ହାତେଇଛନ୍ତି ଓ ବର୍ତ୍ତମାନ ଗୁଡ଼ରିପଦର ବିଦ୍ୟାଳୟରେ ଚାକିରି କରୁଛନ୍ତି। ତେଣୁ ସରିତା କେମିତି ଚାକିରି ହାତେଇଛନ୍ତି ସେ ନେଇ ବିକ୍ରମାଦିତ୍ୟ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ଜାଣି ଶେଷରେ ଗଣମାଧ୍ୟମର ସାହାରା ଲୋଡିଛନ୍ତି ବିକ୍ରମାଦିତ୍ୟ।

# ନ୍ୟାୟ ଲାଗି ଅନଶନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ

**ଆର୍ଯ୍ୟପଲିର ୧୮୦୦ ପରିବାର ପଟ୍ଟା ପାଇବାରୁ ବଞ୍ଚିତ**

ଛତ୍ରପୁର,୨୨।୧୦(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ତହସିଲ ଆର୍ଯ୍ୟପଲି ରାଜସ୍ୱ ମୌଜା ଅନ୍ତର୍ଗତ ୪ଟି ଗାଁର ପ୍ରାୟ ୧୮୦୦ ପରିବାର ଘର ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନେ ପୂର୍ବପୁରୁଷରୁ ଉକ୍ତ ଭିଟା ମାଟିରେ ରହି ଆସୁଛନ୍ତି। ମାତ୍ର ନିଜର ବୋଲି ସରକାରୀ ରେକର୍ଡ କିଛି ନାହିଁ। ଫଳରେ ଜାତିଗତ ପ୍ରମାଣ ପତ୍ରରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ରମାଣପତ୍ର ମିଳିପାରୁନାହିଁ। ଏପରି କି ଅନ୍ୟାନ୍ୟ ସମସ୍ୟା ଭୋଗୁଛନ୍ତି। ସେମାନଙ୍କ ଘର ପଟ୍ଟା ବର୍ଷ ବର୍ଷ ଧରି ହୋଇପାରିନାହିଁ। ଗ୍ରାମବାସୀ ଲଗାତାର ଜିଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାର ନିକଟରେ ଲିଖିତ ଅଭିଯୋଗ କରି ମଧ୍ୟ ସୁଫଳ ପାଇପାରୁନାହାନ୍ତି। ଏପରିକି ଆନ୍ଦୋଳନ ଓ ଅନଶନ କରିବାରୁ ଛତ୍ରପୁର ଥାନାରେ ଏମାନଙ୍କ ନାଁରେ ୩ଟି ମାମଲା ରୁଜୁ ହୋଇଛି। ଶେଷରେ ନ୍ୟାୟ ପାଇଁ ହାଇକୋର୍ଟରେ ଏକ ରିଟ ପିଟିସନ ଦାଖଲ ହୋଇଥିବା ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଜିଲା ସଦର ମହକୁମାରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ସାନ ଆର୍ଜିପଲ୍ଲୀ, ବଡ଼ ଆର୍ଜିପଲ୍ଲୀ, ରେକଡୁରୁ ଏବଂ କେ.ଆଜିପଲ୍ଲୀ ଗାଁର ୧୮୦୦ ପରିବାର ଏହି ଅସୁବିଧା ଭୋଗୁଛନ୍ତି। ଆଉ ଗୋଟିଏ ପ୍ଲଟ ଓ ଖାତା ନମ୍ବରରେ ଏହି ୧୮୦୦ ପରିବାର ଘର କରିଛନ୍ତି, ୧୯୯୯ ମସିହାରେ ଜିଲା ପ୍ରଶାସନ ସେହି ଜମିକୁ ଆଇଆରଇ କମ୍ପାନୀକୁ ଖଣିଜ ଉତ୍ତୋଳନ ପାଇଁ ୨୦ ବର୍ଷ ସକାଶେ ଲିଜ ଦେଇଥିଲା। ୨୦୧୯ରେ ପୁଣି ଉକ୍ତ ଲିଜକୁ ଜିଲା ପ୍ରଶାସନ ଆଉ ୯୯ ବର୍ଷ ପାଇଁ ନବୀକରଣ କରିଛି। ଫଳରେ ଉକ୍ତ ୪ ଖଣ୍ଡ ଗ୍ରାମବାସୀ ୨୦୨୨ ମସିହାରୁ ଆନ୍ଦୋଳନ କରିଆସୁଛନ୍ତି । ରାଜସ୍ୱ ବିଭାଗ ଦ୍ୱାରା ସର୍ଭେ କରାଯାଇଥିଲା। ଗତ ଜୁଲାଇ ମାସରୁ ଏହି ସର୍ଭେ ହୋଇଥିବା ବେଳେ ବଡ଼ ଆର୍ଜିପଲ୍ଲୀ ଗ୍ରାମର କିଛି ଅଂଶ ରହିଯାଇଛି। ଉକ୍ତ ଗାଁ ଗୁଡିକର ଶହ ଶହ ପିଲା ଜାତିଗତ, ଆବାସିକ, ଆୟ ଆଦି ପ୍ରମାଣପତ୍ର ନ ପାଇ ନିରାଶ ହେଉଛନ୍ତି ।

## ବନ ବିଭାଗ ତରଫରୁ ବାଘ ଗଣନା ଆରମ୍ଭ

ଧରାକୋଟ, ୨୨।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଆସିକା ବାନାଞ୍ଚଳ ଅଧୀନ ଧରାକୋଟ ଫରେଷ୍ଟ ସେକ୍ସନ ତରଫରୁ ବାଘ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଧରାକୋଟ ବନପାଳ ଅକ୍ଷୟ କୁମାର ତ୍ରିପାଠୀ, ବନରକ୍ଷୀ ପ୍ରଦୀପ ପରିଚ୍ଛା, ରାକେଶ ପରିଡ଼ା, ଚୁମ୍‌କି ନାୟକଙ୍କ ସହ ସ୍କ୍ୱାଡ ଟିମ୍ ଏହି ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ମଳିଝର ୧, ମଳିଝର ୨, ଆମ୍ବଡା ବଣ, ଚାପୁଡିଆ ପ୍ରଭୃତି ବଣରେ ପୂର୍ବରୁ ବିଛା ଯାଇଥିବା ବାଲିରେ ପାଦ ଚିହ୍ନ, ବାଘ ମଳ, ମୂତ୍ର, ଗଛ ରାମ୍ପୁଡ଼ା ଚିହ୍ନକୁ ଅନୁସରଣ କରିଥିଲେ। ଜଙ୍ଗଲ ଭିତରେ ବିଶେଷ କରି ମଣିଷ ପାଦଚଲା ରାସ୍ତାକୁ ଟିମ୍ ସଦସ୍ୟ ଅନୁଧ୍ୟାନ କରି ଦେଖିଥିଲେ। ସମ୍ପ୍ରତି ୬ ଦିନ ଧରି ଜଙ୍ଗଲଗୁଡ଼ିକରେ ଚିତା, ମହାବଳ, ହେଟା ବାଘର ସ୍ଥିତାବସ୍ଥା ସମ୍ପର୍କରେ ଗଣନା କାର୍ଯ୍ୟ ଚାଲିଛି।

# ମା'ମାଣିକେଶ୍ୱରୀଙ୍କ ଷୋଡ଼ଶ ପୂଜା

ପାରଳାଖେମୁଣ୍ଡି,୨୨।୧୦ (ଗିରିଧାରୀ ପରିଛା)

**ବର୍ଷତମାମ ଭୋଗ ସ୍ୱରୂପ ଛାଡ଼ିଥାନ୍ତି ମାଗୁର ମାଛ**



ମା' ମାଣିକେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ଚାଲିଛି।

ପାରଳାଖେମୁଣ୍ଡିର ଆରାଧ୍ୟା ଦେବୀ ମା' ମାଣିକେଶ୍ୱରୀ ହେଉଛନ୍ତି ପାରଳାଖେମୁଣ୍ଡି ରାଜପରିବାରର ଇଷ୍ଟଦେବୀ। ପାରଳାଖେମୁଣ୍ଡି ପୌରପରିଷଦର ୯ନଂ ୱାର୍ଡ ଅନ୍ତର୍ଗତ ଅଙ୍କସାହିରେ ରହିଛି ମା'ଙ୍କ ପୀଠ। ପ୍ରାୟ ୪ଶହ ବର୍ଷ ତଳେ ତତ୍କାଳୀନ ପାରଳା ମହାରାଜା ପ୍ରଥମେ ମା' ମାଣିକେଶ୍ୱରୀଙ୍କୁ ତତ୍କାଳୀନ ରାଜଗୁରୁଙ୍କ ଘରେ ରଖି ପୂଜାପାଠ କରିଥିଲେ। ମା' ଅତ୍ୟନ୍ତ ଅଲିଅଳ ଓ ଉଗ୍ର ଥିଲେ। ତେଣୁ ରାଜଗୁରୁଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ମା'ଙ୍କ ପ୍ରଭାବରେ ଭୟଭୀତ ହୋଇ ମହାରାଜାଙ୍କୁ ଗୁହାରି କଲେ। ତତ୍କାଳୀନ ମହାରାଜା ମନ୍ଦିର ପରିସରରେ ଏକ ଛୋଟିଆ କୁଡିଆ ଘରେ ମା' ମାଣିକେଶ୍ୱରୀଙ୍କୁ ରଖି ପୂଜା ବ୍ୟବସ୍ଥା କରିଥିଲେ। ପରବର୍ତ୍ତୀ ସମୟରେ ରାଜପରିବାର ମା'ଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କଲେ ବୋଲି ପୂଜକଙ୍କ ସମେତ ମା'ଙ୍କ ଭକ୍ତ, ଶ୍ରଦ୍ଧାଳୁ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି କହନ୍ତି। ପବିତ୍ର ଦଶହରା ତଥା ନବରାତ୍ର ପୂଜା ଅବସରରେ ମାଣିକେଶ୍ୱରୀଙ୍କ ମୁଖ୍ୟ ଷୋଡ଼ଶ ପୂଜା ଅନୁଷ୍ଠିତ ହୋଇଥାଏ। ହେଲେ ଏହି ଷୋଡଶ ପୂଜା ଥାଏ ଏକ ଭିନ୍ନ ପ୍ରକାରର। ପ୍ରତିବର୍ଷ ଏହି ମନ୍ଦିରରେ ରାଜାଙ୍କ ରାଜଦ୍ୱର ଅଙ୍କକସା ବିଧାନଯାତ୍ରା ପାଳନ ହୁଏ। ଏହି ଯାତ୍ରା ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଆରମ୍ଭ ହୋଇଥାଏ। ଏହି ଅଙ୍କକସା ଦିନଠାରୁ ମା'ଙ୍କର ସ୍ୱତନ୍ତ୍ର ପୂଜା ନୀତି ହୋଇଥାଏ। ମହାଷ୍ଟମୀ ଦିନ ଏଠାରେ କୁକୁଡ଼ା, ଛେଳି ବଳି ଦିଆଯାଇଥାଏ। ବର୍ଷ ତମାମ ଭକ୍ତମାନେ ମା'ଙ୍କ ଲାଗି ଭୋଗ ସ୍ୱରୂପ ମାଗୁର ମାଛ ମା'ଙ୍କ ଚରଣରେ ଛାଡି ଦେଇଥାନ୍ତି । ଏଠାରେ ବଳି ପ୍ରଥା ସହ ଦେବୀଙ୍କ ନିକଟରେ ନିୟମିତ ଆମିଷ ଭୋଗ କରାଯାଏ। ମା'ଙ୍କ ଏହି ବିଶେଷ ପୂଜା ଦେଖିବା ପାଇଁ ମନ୍ଦିର ପରିସରରେ ଲୋକଙ୍କ ଭିଡ଼ ଜମିଥାଏ।

## ବେଆଇନ ଜମି ଜବରଦଖଲ କରି ବାବାଜୀ ଗିରଫ

ଧରାକୋଟ,୨୨।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବନକ୍ଷେତ୍ର ଅଞ୍ଚଳର ଆଠଘରିଆ ନିକଟସ୍ଥ ଜଙ୍ଗଲରେ ବେଆଇନ ଗଛ କାଟିବା ଓ ଜମି ଜବରଦଖଲ କରିବା ଅଭିଯୋଗରେ ରବିବାର ଏକ ଠକ ବାବାଜିକୁ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ମହାଛାଇ ଗ୍ରାମର କୃଷ୍ଣ ସାହୁ (୩୬)। ଗତ କିଛି ଦିନ ହେଲା ସେ ବାବାଜି ବେଶରେ ବରା ପଞ୍ଚାୟତର ଆଠଘରିଆ ଡିପିଏଫ୍ ପାଖରେ କିଛି ମୂଲ୍ୟବାନ ଗଛ ହାଣି ଆଶ୍ରମ ତିଆରି କରୁଥିଲେ। ଧରାକୋଟ ବନାଞ୍ଚଳ ଅଧିକାରୀ ଅକ୍ଷୟ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ବାବାଜିଙ୍କୁ ଗିରଫ କରିଥିବା ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଏ ନେଇ ନଂ. ୧୪୨/୨୩-୨୪ରେ ମାମଲା ରୁଜୁ କରାଯାଇଛି।

# ବାଲିପଦର ମହୋତ୍ସବ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅତିଥି

ବୁଗୁଡା/ବାଲିପଦର,୨୨।୧୦
(କାଳୀଚରଣ ଦାଶ/ବିଶିକେଶନ ସ୍ୱାଇଁ)

ବାଲିପଦରରେ ପ୍ରତିବର୍ଷ ଭଳି ଆସନ୍ତା ବର୍ଷ ଜାନୁୟାରୀ ୭, ୮, ୯ରେ ବାଲିପଦର ମହୋତ୍ସବ 'କୃଷ୍ଣସାର' ଆୟୋଜନ କରିବା ପାଇଁ ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ ବଳରାମ ଫିଲିଙ୍ଗ୍ ଷ୍ଟେଶନ (ବେଢ୍ ମିଣ୍ଟେନ୍ କୋର୍ଟ)ଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଇଂ. ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କମିଟି ଚେୟାରମ୍ୟାନ ଭଞ୍ଜନଗର ଆଇଆଇସି ଭଗବାନ ପୂଜାରୀ, ସଂଯୋଜକ ବାଲିପଦର କଲେଜ ଅଧ୍ୟକ୍ଷ ବି.ପ୍ରକାଶ ଚନ୍ଦ୍ର ପାତ୍ର, ବାଲିପଦର ଫାଣ୍ଡି ଅଧିକାରୀ ସମୀର କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଖଲି ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଜେନା, ଉପସଭାପତି ରାଜଲକ୍ଷ୍ମୀ ପ୍ରଧାନ, ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ସାଧାରଣ ସମ୍ପାଦକ କେ.ମନୋଜ କୁମାର ଆଚାରୀ, ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ସଙ୍ଗଠନ ସମ୍ପାଦକ କାହ୍ନୁ ଚରଣ ବାଡତ୍ୟା, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର କୁମାର ମହାରଣା, ଅଜିତ କୁମାର ମହାରଣା, କୋଷାଧ୍ୟକ୍ଷ ଜି. ସଞ୍ଜୀବ କୁମାର ପାତ୍ର, ମହିଳା ମଣ୍ଡଳ ପ୍ରତିନିଧି ସଂଘମିତ୍ରା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କେ. ଦେବେନ୍ଦ୍ର କୁମାର ପାତ୍ର, କେ. ରାଘବ ଚରଣ ପାତ୍ର, ସୁନୀଲ କୁମାର ପ୍ରଧାନ, ସଂଗ୍ରାମ କେଶରୀ ଗୁରୁ, ବୃନ୍ଦାବନ ମହାନ୍ତି, ଜି.ଉମା ଶଙ୍କର ପାତ୍ର, ପୃଥ୍ୱୀ ପ୍ରଧାନ, ପୃଥ୍ୱୀରାଜ ସାହୁ, ଜି. ଅରବିନ୍ଦ ପାତ୍ର, ଜି. ରଞ୍ଜିତ କୁମାର ପାତ୍ର, ଯଶକେତନ ପୃଷ୍ଟି, ରଙ୍କନିଧି ପଲାଇଙ୍କ ସମେତ ମହିଳା ମଣ୍ଡଳର ସମସ୍ତ ସଦସ୍ୟା ଉପସ୍ଥିତ ରହି ୨୦୨୪ ବାଲିପଦର ମହୋତ୍ସବ-କୃଷ୍ଣସାରକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

# ଛତ୍ରପୁର ଏକାଡେମୀକୁ ୧୨ ସ୍ୱର୍ଣ୍ଣ

**ଗଞ୍ଜାମ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା**

ଛତ୍ରପୁର,୨୨।୧୦ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ଷ୍ଟାଡିୟମସ୍ଥିତ ଇନଡୋର ହଲଠାରେ ୯ମ ଗଞ୍ଜାମ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଏସପି ଜଗମୋହନ ମୀନା ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ଜାଭେଲିନ ଭଳି ଖେଳରେ ଓଡ଼ିଶାର କିଶୋର ଜେନା ଯେଭଳି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି ସେହିଭଳି ଲକ୍ଷ୍ୟ ହାସଲ କରିବାକୁ ଉପସ୍ଥିତ ଖେଳାଳିମାନଙ୍କୁ ଆହ୍ୱାନ ଦେଇଥିଲେ। ଓକେସିଏଲର ଗଞ୍ଜାମ ଜିଲାର ମୁଖ୍ୟ ଏସ ରେଖା ମହାନ୍ତି, ଗଞ୍ଜାମ ଜିଲା ଦୌଡକୁଦ ସଂଘ ସମ୍ପାଦକ ପ୍ରଫୁଲ୍ଲ ପଟ୍ଟନାୟକ, ରାଜ୍ୟ ଟାଏକୋଣ୍ଡୋ ସଂଘ ତରଫରୁ ଆସିଥିବା ପର୍ଯ୍ୟବେକ୍ଷକ ଏହସାସ ହୋତା, ରାଜ୍ୟ ମହିଳା ଟାଏକୋଣ୍ଡୋ କମିଶନର ଡକ୍ଟର ଅନୀତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ୯ଟି ଟାଏକୋଣ୍ଡୋ ଏକାଡେମୀର ୨୯୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଛତ୍ରପୁରର କେଏମପି ସ୍ପୋର୍ଟସ ଏକାଡେମୀର ଖେଳାଳିମାନେ ୧୨ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୮ଟି ବ୍ରୋଞ୍ଜ ପଦକ ପାଇ ଚାମ୍ପିୟନ ହୋଇଥିବା ବେଳେ ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର ଖେଳାଳିମାନେ ୮ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ପାଇ ରନର୍ସଅପ ହୋଇଥିଲେ। ଉଦଯାପନୀ ଉତ୍ସବରେ ଛତ୍ରପୁର ଏନଏସିର ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଡକ୍ଟର ଅଳକା ମିଶ୍ର, ସସ୍ମିତା ଶର୍ମା ଅତିଥି ଭାବେ ଯୋଗଦେଇ ବିଜୟୀ କ୍ରୀଡାବିତଙ୍କୁ ପଦକ ବଣ୍ଟନ କରିଥିଲେ। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ କେ. ମନୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଇଂ. ଲଳିତ କୁମାର, ଜନଜ କୁମାର ମହାରଣା, ସି.ଏଚ ପ୍ରସାଦ ନାୟକ, ଲକ୍ଷ୍ମୀ ନାରାୟଣ ରେଡ୍ଡୀ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜାମ ଷ୍ଟେଶନରେ ଅଟକିଲା ହୀରାଖଣ୍ଡ ଏକ୍ସପ୍ରେସ

ଗଞ୍ଜାମ,୨୨।୧୦(ବିଦ୍ୟାଧର ସାହୁ)



ଗଞ୍ଜାମ ଷ୍ଟେଶନରେ ଅଟକିଛି ହୀରାଖଣ୍ଡ ଏକ୍ସପ୍ରେସ୍।

ଗଞ୍ଜାମ ଷ୍ଟେଶନରେ ହୀରାଖଣ୍ଡ ଏକ୍ସପ୍ରେସ ଓ ପୁରୀ ତିରୁପତି ଟ୍ରେନ ରହଣି ନିମନ୍ତେ ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଗତ ଅକ୍ଟୋବର ୨ ରୁ ୫ ଯାଏ ଧାରଣା ଦିଆଯାଇଥିଲା। ରେଳ ବିଭାଗ ଶୀଘ୍ର ଗଞ୍ଜାମ ଷ୍ଟେଶନରେ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲା। ପ୍ରତିଶ୍ରୁତି ମୁତାବକ ରବିବାର ସକାଳ ପାଞ୍ଚଟାରେ ଗଞ୍ଜାମ ରେଳ ଷ୍ଟେଶନରେ ହୀରାଖଣ୍ଡ ଟ୍ରେନ ପୁନଃରହଣି ଆରମ୍ଭ ହୋଇଛି। ରବିବାର ବଡ଼ିଭୋର ସମୟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିବା ବେଳେ ଗଞ୍ଜାମ ରେଳ ଷ୍ଟେଶନରେ ଟ୍ରେନଟି ରହଣି କରିଥିଲା। ପୂର୍ବରୁ ଅପେକ୍ଷାରତ ଅଞ୍ଚଳବାସୀ ଗଞ୍ଜାମ ପୋରାଞ୍ଚଳର ବରିଷ୍ଠ ନାଗରିକ ପରିଷଦ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଟ୍ରେନ ଡ୍ରାଇଭର, ଗାର୍ଡ ଓ ଷ୍ଟେଶନ ମାଷ୍ଟର ପ୍ରମୁଖ ରେଳ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ। ବରିଷ୍ଠ ନାଗରିକ ଅନୁଷ୍ଠାନର ସଭାପତି ଲିଙ୍ଗରାଜ ପଟ୍ଟନାୟକ, ବିନୋଦ ମହାପାତ୍ର, ରବୀନ୍ଦ୍ର କୁମାର ପଣ୍ଡା, ବ୍ରଜ ପାଣିଗ୍ରାହୀ, ଅରୁଣ ପଣ୍ଡା, ବସନ୍ତ ସାବତ, ସୁରେନ୍ଦ୍ର ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର, ପୂର୍ବତନ ସରପଞ୍ଚ ଶ୍ୟାମା ରେଡ୍ଡୀ, ପୂର୍ବତନ କାଉନ୍‌ସିଲର ରଞ୍ଜନ ବେହେରା, ଶିକ୍ଷାବିତ ଗୋପାଳ ବେହେରା, ବଡ଼ ବଜାର ବଣିକ ସଂଘ ସମ୍ପାଦକ କାହ୍ନୁ ଚରଣ ପଣ୍ଡା, କାନ୍ତାରୀ ଦଳାଇ, ରଙ୍କନିଧି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗାମୀ ନଭେମ୍ବର ୧୦ ତାରିଖରେ ପୌରାଞ୍ଚଳ ବରିଷ୍ଠ ନାଗରିକ ପକ୍ଷରୁ ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱରରେ ରେଳ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ କରି ପୁରୀ -ତିରୁପତି ଦ୍ରୁତଗାମୀ ଟ୍ରେନ ରହଣି ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ରହିଛି।

# ମଣ୍ଡପରେ ମହାଷ୍ଟମୀ



ବ୍ରହ୍ମପୁର ଋଷିକୁଲ୍ୟା ଜଳ ସେଚନ ମଣ୍ଡଳ।


ତୋଟା ସାହି ଦ୍ୱିତୀୟ ଲାଇନ୍ ।

କୋର୍ଟପେଟା ଛକ ।


ଫୁଲବାଣୀ ମାଛକୁଦ ଛକ।


ଫୁଲବାଣୀ ଟାକ୍ସି ଷ୍ଟାଣ୍ଡ


ଆର. ଉଦୟଗିରି।


ବେଗୁନିଆପଡ଼ା।

# ୧୦ ମାସରେ ୮୭ ମୁଣ୍ଡ ଗଡ଼ିଲାଣି

## ଗଞ୍ଜାମ ଜିଲାରେ ଭୁଶୁଡୁଛି ଆଇନଶୃଙ୍ଖଳା

ବ୍ରହ୍ମପୁର,୨୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଦିନକୁ ଦିନ ହତ୍ୟା ଘଟଣା ବଢ଼ିବାରେ ଲାଗିଛି। କେଉଁଠି ରାଜନୈତିକ ଶତ୍ରୁତା ତ ଆଉ କେଉଁଠି ପୂର୍ବ ଶତ୍ରୁତାରୁ ମୁଣ୍ଡ ଗଡୁଛି। ନିର୍ବାଚନ ପୂର୍ବରୁ ହିଂସାକାଣ୍ଡ ଘଟି ଲୋକଙ୍କ ଜୀବନ ଯାଇଥାଏ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପୁଣି ହତ୍ୟାକାଣ୍ଡ ଘଟୁଛି। ଫଳରେ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

ଗଞ୍ଜାମ ପୋଲିସ ଜିଲାରେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ମୋଟ ୬୪ଟି ହତ୍ୟା ମାମଲା ରୁଜୁ ହୋଇଛି। ତନ୍ମଧ୍ୟରୁ ଚଳିତ ମାସରେ ୧୩ଟି ହତ୍ୟା ମାମଲା ରୁଜୁ ହୋଇ ସାରିଲାଣି। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୨୩ଟି ହତ୍ୟା ମାମଲା ରୁଜୁ ହୋଇଛି। ଗତ ୧୦ଦିନ ମଧ୍ୟରେ ଜିଲାରେ ୨ଟି ହତ୍ୟାକାଣ୍ଡ ହୋଇଛି। ଗତ ୧୧ ତାରିଖରେ ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଷାଣିନୂଆଗାଁରେ ସିଡବ୍ଲ୍ୟୁସି ସଦସ୍ୟା ସୌଦାମିନୀ ରଥଙ୍କୁ ହତ୍ୟା କରାଯାଇଥିବା ବେଳେ ଶନିବାର ରାତିରେ ଗଞ୍ଜାମ ପୋଲିସ ଜିଲାର ରମ୍ଭା ଥାନା ଅନ୍ତର୍ଗତ ବଡରାମପଲି ଗ୍ରାମର ପଦ୍ମ ରେଡ୍ଡୀ ଓରଫ ମିଟୁଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଛି। ଏହା ପୂର୍ବରୁ ସେପ୍ଟେମ୍ବରରେ କୋଦଳା ଓ ଧରାକୋଟ ଥାନା ଅଞ୍ଚଳରେ ଦୁଇଟି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ତେବେ ନିର୍ବାଚନ ପୂର୍ବରୁ ଗୋଟିଏ ପରେ ଗୋଟିଏ ଏଭଳି ହତ୍ୟା ଘଟଣା ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ଗଞ୍ଜାମ ଜିଲାରେ ବିଶେଷକରି ନିର୍ବାଚନ ପୂର୍ବରୁ ଆପରାଧିକ ମାମଲା ବୃଦ୍ଧି ପାଇଥାଏ। ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଓ ପରେ ଜିଲାର ବିଭିନ୍ନ ସ୍ଥାନରେ ହତ୍ୟାକାଣ୍ଡ ଘଟିଥିଲା। ଏବେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପୁଣି ଅପରାଧ ବଢ଼ିବାରେ ଲାଗିଛି। କେତେକ ହତ୍ୟା ଘଟଣା ପଛରେ ରାଜନୈତିକ ଶତ୍ରୁତା ଓ ଗୋଷ୍ଠୀ ବିବାଦ ରହିଥିବା ଦେଖିବାକୁ ମିଳୁଛି। ଏଭଳି ଅପରାଧକୁ ନିୟନ୍ତ୍ରଣ କରିବା ଏବେ ପୋଲିସ ପାଇଁ ଚାଲେଞ୍ଜ ହୋଇଛି। ଗଞ୍ଜାମ ପୋଲିସ ଜିଲାରେ ଗତ ୨୦୨୧ରେ ୭୭ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ୫୭ଟି ହତ୍ୟା ମାମଲା ରୁଜୁ ହୋଇଥିଲା। କିନ୍ତୁ ଚଳିତବର୍ଷ ଅକ୍ଟୋବର ୨୨ ସୁଦ୍ଧା ୬୪ଟି ହତ୍ୟା ମାମଲା ରୁଜୁ ହୋଇ ସାରିଲାଣି। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ୨୦୨୧ରେ ୩୨ଟି ହତ୍ୟା ମାମଲା ହୋଇଥିବା ବେଳେ ୨୦୨୨ରେ ୨୫ ଓ ୨୦୨୩ ଅକ୍ଟୋବର ୨୨ ତାରିଖ ସୁଦ୍ଧା ୨୩ ହତ୍ୟା ମାମଲା ରୁଜୁ ହୋଇସାରିଲାଣି। ଚଳିତବର୍ଷ ଗଞ୍ଜାମ ପୋଲିସ ଜିଲାର ଗଞ୍ଜାମ, କବିସୂର୍ଯ୍ୟନଗର, କୋଚିନେଡ଼ା, ପାଟପୁର, ରମ୍ଭା, ଶେରଗଡ଼, ସୋରଡ଼ା, କୋଦଳା ଓ ଧରାକୋଟ ଥାନା ଅଞ୍ଚଳରେ ହତ୍ୟାକାଣ୍ଡ ଘଟିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଶେରଗଡ଼ ଥାନା ଅଞ୍ଚଳରେ ସର୍ବାଧିକ ୩ଟି ହତ୍ୟା ମାମଲା ରୁଜୁ ହୋଇଛି।

# ଜୁଆ ଖେଳରେ ଜାରି ରହିବ ଚଢ଼ାଉ

ବ୍ରହ୍ମପୁର,୨୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଶାରଦୀୟ ପୂଜା ପାଇଁ ବ୍ରହ୍ମପୁର ପୋଲିସ ତରଫରୁ ଜୁଆ ଖେଳାଳିଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି। ଗତ ଦେଢ଼ମାସ ମଧ୍ୟରେ ବ୍ରହ୍ମପୁର ପୋଲିସ ଜିଲାରେ ମୋଟ ୧୬ଟି ଜୁଆଆଡ୍ଡାରେ ଚଢ଼ାଉ କରାଯାଇ ମୋଟ ୩ ଲକ୍ଷ ୧୯,୫୮୨ ଟଙ୍କା ଜବତ କରାଯାଇଛି। ଜୁଆ ଖେଳରୁ ୯୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗୋଟିଏ କାର ମଧ୍ୟ ଜବତ ହୋଇଛି। ସେହିପରି ୧୫ଟି ବାଇକ ଓ ୨୭ଟି ମୋବାଇଲ ଫୋନ୍ ଜବତ ହୋଇଛି। ଆଗକୁ ଏହି ଧରପଗଡ ଜୋରଦାର କରାଯିବ ବୋଲି ଏସପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି।

# ଦକ୍ଷିଣେଶ୍ୱରୀ କାଳୀଙ୍କ ପୀଠରେ ଯଜ୍ଞ ପୂର୍ଣ୍ଣାହୁତି

ବ୍ରହ୍ମପୁର,୨୨।୧୦(ନରସିଂହ ସାହୁ)



ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଜେଲ ରୋଡସ୍ଥ ଦକ୍ଷିଣେଶ୍ୱରୀ କାଳୀଙ୍କ ପୀଠରେ ଚାଲିଥିବା ଶାରଦୀୟ ନବରାତ୍ରୀ ପୂଜା ଓ ବିଶ୍ୱଶାନ୍ତି ଯଜ୍ଞ ରବିବାର ପୀଠେ ମହାନବମୀରେ ପୂର୍ଣ୍ଣାହୁତି ହୋଇଯାଇଛି। ସହସ୍ରାଧିକ ଭକ୍ତଙ୍କ ଗହଣରେ ଘଟ ମଧ୍ୟ ବିସର୍ଜନ କରାଯାଇଛି। ମା' କାଳୀଙ୍କ ଦର୍ଶନ ପାଇଁ ଅନ୍ତିମ ଦିବସରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପଣ୍ଡିତ ଅକ୍ଷୟ କୁମାର ପାଢ଼ୀ ଯଜ୍ଞର ପୁରୋଧା ଥିଲେ। ତନ୍ତ୍ର, ମନ୍ତ୍ର ଓ ଚଣ୍ଡୀପାଠରେ ସମଗ୍ର ଅଞ୍ଚଳ କମ୍ପିଥିଲା। ସୋମବାର ମା'ଙ୍କ ବିଶ୍ରାମ ଏବଂ ମଙ୍ଗଳବାର ବିଜୟା ଦଶମୀ ପୂଜା ଓ ସନ୍ଧ୍ୟାରେ ୧୦୮ ଆଳତି ସହ ପଣାଭୋଗ ଲାଗି ହେବ। ଶାରଦୀୟ ପୂଜାରେ ଅଞ୍ଚଳବାସୀ ପୂର୍ଣ୍ଣ ସହଯୋଗ କରିଥିବା ମନ୍ଦିର ପରିଚାଳନା କମିଟି ମୁଖ୍ୟ ହେମନ୍ତ ସାବତ କହିଛନ୍ତି। ଅନ୍ୟପକ୍ଷରେ ବିଜିପୁର ପୋଖରୀ ପାର୍ଶ୍ୱ ମା' ଦଣ୍ଡକାଳୀ, ଆମ୍ବପୁଆ କାଳୀ ମନ୍ଦିର, ଗୋଷାଣୀ ନୂଆଗାଁ, ଶିଳ୍ପାଞ୍ଚଳର ଶ୍ୟାମାକାଳୀ ପୀଠ ସମେତ ରେଶମ ସହରର ବିଭିନ୍ନ ସ୍ଥାନରେ ଥିବା ମା' କାଳୀଙ୍କ ପୀଠରେ ଶାରଦୀୟ ନବରାତ୍ରୀ ପୂଜା ସମାପନ ହୋଇଯାଇଛି। ଶିଳ୍ପାଞ୍ଚଳସ୍ଥ ଭୈରବ ପୋଖରୀ ପାର୍ଶ୍ୱ ମା' ବିମଳା ଓ ଦୁର୍ଗା ମନ୍ଦିରରେ ପୂଜା ଶେଷ ହୋଇଛି। ସହରର ୫୦ରୁ ଅଧିକ ପୂଜା ମଣ୍ଡପରେ ରବିବାର ମହାଷ୍ଟମୀ ପୂଜା ହୋଇଛି।

# ଜାତୀୟ ପୁରସ୍କାରପ୍ରାପ୍ତ କଳାକାରଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୨।୧୦(ସ୍ମୃତି ରଞ୍ଜନ ମହାଲିକ)


ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଆମ୍ବେଡକର ସାଂସ୍କୃତିକ ଯୁବକ ସଂଘ ପକ୍ଷରୁ ରବିବାର ପ୍ରକାଶମ ହଲ ପରିସରରେ ଜାତୀୟ ପୁରସ୍କାରପ୍ରାପ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ପଦ୍ମଚରଣ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଏମସି ଡେପୁଟି କମିଶନର ବିନୋଦ କୁମାର ବେହେରା, ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଡ. ହୃଷୀକେଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ରୂପେ ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା ଯୋଗ ଦେଇଥିଲେ। କଳାକାରଙ୍କର ଉନ୍ନତି ଓ କଳାକୁ ବଞ୍ଚାଇ ରଖିବା ପାଇଁ ଅତିଥି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି କଳାକାରଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ସଂଘ ପକ୍ଷରୁ ଯେଉଁ ଚଳଚ୍ଚିତ୍ର ନିର୍ମାଣ କରାଯିବ ସେଥିରେ ସଂପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ମୁଖ୍ୟବକ୍ତା କଳାକାରଙ୍କୁ ଆର୍ଥିକ ସହାୟତା ମିଳିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଳାକାର ମହାସଂଘର ସଭାପତି ଅନୀଲ କୁମାର ପାତ୍ର, ଅଭିନେତା ଡା ତିରୁପତି ସାହୁ, ନାଟ୍ୟକାର ଓ ଲେଖକ ତ୍ରିପତି ନାୟକ, କ୍ଷୁଦ୍ର ଚଳଚ୍ଚିତ୍ର ନିର୍ଦ୍ଦେଶକ ତ୍ରିନାଥ କୁମାର ନାୟକ, ଅଭିନେତା ଗଙ୍ଗାଧର ସାହୁ, ଝିଲି କୁମାରୀ ସାହୁ ଓ ଦୟାନନ୍ଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋଜ ବେହେରା, ଏନ ସଞ୍ଜୀବ ରତ୍ନ, ଦୀପକ ପାଣିଗ୍ରାହୀ, ବିଜୟ ଗୌଡ ଓ ଉମାଚରଣ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳ ନୃତ୍ୟକୁ ବିରୋଧ

ବ୍ରହ୍ମପୁର,୨୨।୧୦(ସ୍ମୃତି ରଞ୍ଜନ ମହାଲିକ)

ସହରର ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଚାଲିଛି। ପୂଜା କମିଟି ଗୁଡିକ ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ତେବେ ସେଥିରେ ଅଶ୍ଳୀଳ ନୃତ୍ୟ ପରିବେଶଣ କରାଯାଉଥିବାରୁ ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଦୃଢ ବିରୋଧ କରିଛି। ଏ ନେଇ ମଞ୍ଚ ପକ୍ଷରୁ ରବିବାର ହିଲପାଟଣାଠାରେ ଏକ ଜରୁରୀ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ମଞ୍ଚର ସଭାପତି ରାଧାଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପାର୍ବଣ ସମୟରେ ପୂଜା ମଣ୍ଡପ ନିକଟରେ ଅଶ୍ଳୀଳ ନୃତ୍ୟ ଓ ସଂଗୀତ ପରିବେଷଣ ଆମ ଧର୍ମ ପରମ୍ପରାରେ କଳୁଷିତ ବାତାବରଣ ସୃଷ୍ଟି କରୁଛି। ତେଣୁ ଏସବୁକୁ ଜିଲା ପ୍ରଶାସନ ଓ ପୋଲିସ ଅନୁମତି ନ ଦେବା ଉଚିତ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଉପସଭାପତି ଡା ପ୍ରାଣଚାନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଲଡ୍ଡୁକେଶ ମିଶ୍ରଙ୍କ ସମେତ ସଦାଶିବି ପାଣିଗ୍ରାହୀ ଓ ରାମକୃଷ୍ଣ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୨୨।୧୦(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏକାଡ଼େମିକ ଓ ଆଡ଼ମିନିଷ୍ଟ୍ରେଟିଭ ଡେଭଲପମେଣ୍ଟ ସେଣ୍ଟର କମ୍ପ୍ୟୁଟର ସାଇନ୍ସ ବିଭାଗ ଓ ଆସୋସିଏଶନ ଅଫ ଇଣ୍ଡିଆନ ୟୁନିଭରସିଟିସ ମିଳିତ ଆନୁକୁଲ୍ୟରେ ଚାଲିଥିବା 'କୃତ୍ରିମ ଅନୁସନ୍ଧାନ ଓ ଡ଼ାଟା ବିଶ୍ଳେଷଣ' ଶୀର୍ଷକ ଉପରେ ଅଧ୍ୟାପିକା–ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଉଦ୍‌ଯାପନୀରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଡ଼.ମୃତ୍ୟୁଞ୍ଜୟ ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ। ସ୍ନାତକୋତ୍ତର କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ଏସ.କେ ଦାସ ଓ ଏସ.ଏନ ତ୍ରିପାଠୀ କାର୍ଯ୍ୟକ୍ରମ ପ୍ରଶିକ୍ଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଉପସ୍ଥିତ ଥିଲେ। କୃତ୍ରିମ ଅନୁସନ୍ଧାନ (ଏଆଇ)ଦ୍ୱାରା ମୁଖ୍ୟତଃ ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ବହୁ କାଯ୍ୟ ସାଧିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଆଡ଼ିକାଭିନନୟା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ରେକ୍ଟର ପ୍ରଫେସର ପି.ସୁରେଶ ବର୍ମା ଉପସ୍ଥିତ ଥିଲେ। ଅନୁସନ୍ଧାନ ବିଭାଗ ମୁଖ୍ୟ ଡ଼.ଅମରେନ୍ଦ୍ର ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

## ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ

ଭଞ୍ଜନଗର,୨୨।୧୦(ବାବୁଲା ପ୍ରଧାନ)

ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏଥିଲାଗି ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଡ଼. ରମଣୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡାକ୍ତର ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଡ଼ଃ ପୀତବାସ ପାଳ, ପ୍ରାଧ୍ୟାପକ ବଦ୍ରିନାରାୟଣ ପାତ୍ର, ସଂଯୋଜକ ଡ଼ଃ ଯଶୋବନ୍ତ ପାଳ ଏବଂ ମୋ କଲେଜ ସଂଯୋଜକ ମାଧବ ଦଳେଇ, ଅଧ୍ୟାପକ ବସନ୍ତ କୁମାର ଶତପଥୀ ଏବଂ ଇଂରାଜୀ ବିଭାଗ ଅଧ୍ୟାପକ ଡ଼ଃ ରାଜକିଶୋର ରଣା ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ କଲେଜର ନୀତିନିୟମ ସମ୍ପର୍କରେ ଅତିଥିମାନେ କହିଥିଲେ। ଛାତ୍ରୀ ସନ୍ତୋଷିନୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କଲେଜର କ୍ରୀଡା ଓ ସାଂସ୍କୃତିକ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ ସମସ୍ତ ଅତିଥି ଏଥିରେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ସୁକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମିନତୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ବସନ୍ତ ସତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲାସ୍ତରୀୟ ବକ୍ସିଂ ପ୍ରତିଯୋଗିତା ଉଦ୍‌ଯାପିତ

ବ୍ରହ୍ମପୁର,୨୨।୧୦(ତନୁଶ୍ରୀ ନାହାକ)


ସ୍ୱର୍ଣ୍ଣପଦକ ପାଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଅତିଥି ଓ ଅନ୍ୟମାନେ।

ଗଞ୍ଜାମ ଜିଲା ବକ୍ସିଂ ସଂଘ ପକ୍ଷରୁ ଏନ୍‌ସିସି ହେଡ଼କ୍ୱାଟର ଖେଳପଡ଼ିଆ ଠାରେ ଚାଲିଥିବା ୨ଦିନିଆ ଜିଲାସ୍ତରୀୟ ବକ୍ସିଂ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ବକ୍ସିଂ ସଂଘ ସମ୍ପାଦକ କେ.ପ୍ରଭାକର ରାଓ ଅଧ୍ୟକ୍ଷତା କରିଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳାଇ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା କ୍ରୀଡ଼ା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ଷ୍ଟାଡ଼ିୟମ ଅଧିକାରୀ ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବାଳିକା ଓ ବାଳକ ବର୍ଗ ପ୍ରତିଯୋଗୀଙ୍କ ମଧ୍ୟରୁ ୩୦ଜଣଙ୍କୁ ସ୍ୱର୍ଣ୍ଣ, ୨୦ ଜଣଙ୍କୁ ରୌପ୍ୟ ଓ ୨୫ ଜଣଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। କୋଚ ଶିଶିର କୁମାର ପାଣିଗ୍ରାହୀ, ଶିବରାମ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

